**Sankha Bhawan**
Plot No. 798, Unit - VI
Bhubaneswar - 751001, Odisha

BJD

Ph : 0674-2393464, 2395979
email : bijujanatadal@gmail.com

# BIJU JANATA DAL

<u>ବିଜେଡିର ମିଶ୍ରଣ ପର୍ବ</u>

# ବିଜେଡ଼ିରେ ଯୋଗ ଦେଲେ ବିଜେପି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

**ଭୁବନେଶ୍ୱର, ୨୯/୦୨/୨୦୨୪:** ବିଜେପି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଗୋପାଳପୁର ନିର୍ବାଚନମଣ୍ଡଳୀ ବିଜେପି ଯୁବ ନେତା ଶୁଭାଶିଷ ସାହୁ (ବଣ୍ଟି)ଙ୍କ ସହ ଶତାଧିକ ବିଜେପି କର୍ମୀ ଆଜି ଶଙ୍ଖ ଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିକ୍ରମ ପଣ୍ଡାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ଶୁଭାଶିଷ ସାହୁ ଓ ସମସ୍ତ ବିଜେପି କର୍ମୀଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ପଣ୍ଡା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ଗଞ୍ଜାମ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ପଣ୍ଡା କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ଯୁବ ନେତା ଶୁଭାଶିଷ ସାହୁ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ଦଳରେ ନିକଟରେ ଯୋଗ ଦେଇଥିବା ଗରିବ ଯୁବକ ଯୁବତୀଠାରୁ ଚାକିରି ନାଁରେ ଠକେଇ ନାଁରେ ଜନବିରୋଧୀ ନେତା ପ୍ରଦୀପ ପାଣିଗ୍ରାହୀଙ୍କ ଯୋଗଦାନ ଏବଂ ଦଳରେ ଲାଗିରହିଥିବା ବିଶୃଙ୍ଖଳାକୁ ବିରୋଧ କରି ମୁଁ ବିଜେପି ଦଳ ତ୍ୟାଗ କରିବାର ନିଷ୍ପତ୍ତି ନେଇଥିଲି। ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ନୀତି ଆଦର୍ଶ, ନୂଆ ଓଡିଶା ଗଠନ ଦିଗରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛି । ଦଳରେ ମୋତେ ଓ ମୋ ସହ ଆସିଥିବା ସମସ୍ତ କର୍ମୀମାନଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଜେଶ୍ୱରୀ ଦୋରା, ଜିଲ୍ଲା ପରିଷଦ ସଦସ୍ୟ ଦୀପକ କୁମାର ସାମନ୍ତ, ଜିଲ୍ଲା ପରିଷଦ ସଦସ୍ୟା ଭାରତୀ ନାୟକ ଓ ବ୍ଲକ ସଭାପତି ଅଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ମିଶ୍ରଣ ପର୍ବରେ ବିଜେପିର ଜିଲ୍ଲା କାର୍ଯ୍ୟକାରୀ ନାୟବ ସରପଞ୍ଚ ବିଜେପି ମଣ୍ଡଳ ଉପସଭାପତି ବିନୋଦ କୁମାର ରଥ, ସରପଞ୍ଚ ବି.ଜ୍ୟୋତି, ୱାର୍ଡମେମ୍ବର ତାରିଣୀ ବେହେରା, ଭୁବନ ବେହେରା, ଦମୟନ୍ତୀ, ଜି ଗୁରୁମାଁ, ବାସନ୍ତୀ ସାହୁ, ସରୋଜିନୀ ରାଓ, ଏମ୍ ପୂର୍ଣ୍ଣିମା, ପି କୁମାରୀ, ସୂର୍ଯ୍ୟନାରାୟଣ, କେ ଫକୀର, ସୁଜନ୍ତ ସେଠୀ, ପି ମାଲେସା, ଏମ୍ ପାପାରାଓ, ପି.ନାଗେଶ, କେ ଗୁରୁମୂର୍ତ୍ତୀ, କେ ଇଶ୍ୱର ରାଓ, ପି ଶିବା, ଲଡୁକିଶୋର ସାହୁ, ମିନକେତନ ଶତପଥୀ ପ୍ରମୁଖଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ଡଃ ପ୍ରିୟବ୍ରତ ମାଝୀ

(ପ୍ରିୟବ୍ରତ ମାଝୀ)
**ମୁଖପାତ୍ର, ବିଜୁଜନତା ଦଳ**


ବି ଜେ ଡି
ODISHA


ବି ଜେ ଡି
ODISHA